ଗ୍ରାମୀଣ କୃଷି ମୌସମ ସେବା
ଭାରତ ପାଣିପାଗ ବିଭାଗ
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର,ଚିପିଲିମା

ସଂଖ୍ୟା – ୯୪ (ଓଡ଼ିଆ ବୁଲେଟିନ) ସପ୍ତାହ – ୪୭ ତାରିଖ: ୨୩.୧୧.୨୦୨୬

ପଶ୍ଚିମ କେନ୍ଦ୍ରୀୟ ମାଳଭୂମି ଅଞ୍ଚଳ

ଜିଲ୍ଲା – ବରଗଡ଼

ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ୧୭.୧୧.୨୦୨୬ ରୁ ୨୩.୧୧.୨୦୨୬ ମଧ୍ୟରେ ରେକର୍ଡ କରାଯାଇଥିବା ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଏବଂ ଜିଲ୍ଲାର ହାରାହାରି ବର୍ଷାପାତ

ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.)							ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.)							ବୃଷ୍ଟିପାତ (ମିଲି ମିଟର)						
୧୭	୧୮	୧୯	୨୦	୨୧	୨୨	୨୩	୧୭	୧୮	୧୯	୨୦	୨୧	୨୨	୨୩	୧୭	୧୮	୧୯	୨୦	୨୧	୨୨	୨୩
31	31	31	28	25	30	31	19	18	17	18	17	18	18	0	0	0	21	20	0	0

ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

ପାଣିପାଗ କାରକ	୨୪-୧୧-୨୦୨୬	୨୫-୧୧-୨୦୨୬	୨୬-୧୧-୨୦୨୬	୨୭-୧୧-୨୦୨୬	୨୮-୧୧-୨୦୨୬
ବୃଷ୍ଟିପାତ (ମିଲି ମିଟର)	0	0	0	0	0
ସର୍ବାଧିକ ତାପମାତ୍ରା (º ସେଣ୍ଟ୍ରିଗ୍ରେଡ)	30	30	29	29	29
ସର୍ବନିମ୍ନ ତାପମାତ୍ରା (º ସେଣ୍ଟ୍ରିଗ୍ରେଡ)	17	16	16	16	15
ମେଘ ଆବରଣ(ଓକଟା)	2	2	2	1	2
ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %)	88	87	86	81	84
ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %)	54	52	41	40	47
ପବନର ବେଗ (କିମି/ଘଣ୍ଟା ପ୍ରତି)	1	6	6	3	4
ପବନର ଦିଗ (ଡିଗ୍ରୀ)	135	30	30	49	45

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୬ରେ ଯୋଗାଯୋଗ କରନ୍ତୁ

ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆଗାମୀ ସପ୍ତାହରେ ପାଗ ଶୁଷ୍କ ରହିବା ସହିତ ଆକାଶ ମୁଖ୍ୟତଃ ରୁ ଆଂଶିକ ସଫା ରହିପାରେ । ଆଗାମୀ ଦିନଗୁଡ଼ିକରେ ସର୍ବାଧିକ ତାପମାତ୍ରାରେ ବିଶେଷ କିଛି ବଡ଼ ପରିବର୍ତ୍ତନ ଦେଖାଯିବାର ସମ୍ଭାବନା ନାହିଁ କିନ୍ତୁ ସର୍ବନିମ୍ନ ତାପମାତ୍ରାରେ ହ୍ରାସ ଦେଖିବାକୁ ମିଳିପାରେ । ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଆପେକ୍ଷିକ ଆର୍ଦ୍ରତା ଅଧିକ ରହିବା ସହିତ ଘଣ୍ଟା ପ୍ରତି ୦୧ ରୁ ୦୬ କି.ମି. ବେଗରେ ଦକ୍ଷିଣ-ପୂର୍ବ ଓ ଉତ୍ତର-ପୂର୍ବ ଦିଗରୁ ପବନ ବହିବାର ପୂର୍ବାନୁମାନ କରାଯାଇଅଛି ।

ସାଧାରଣ ଉପଦେଶ

- ଆସନ୍ତା ଦିନରେ ସୁଖିଲା ପାଗ ସହିତ ସର୍ବନିମ୍ନ ତାପମାତ୍ରାରେ ମଧ୍ୟ ହ୍ରାସ ଦେଖାଯିବାର ସମ୍ଭାବନା ଥିବାରୁ ରବି ଫସଲରେ ମାଟିର ଉପଯୁକ୍ତ ଆର୍ଦ୍ରତା ବଜାୟ ରଖିବା ପାଇଁ ଆବଶ୍ୟକତା ଅନୁଯାୟୀ ଦିନବେଳା ଜଳସେଚନ କରନ୍ତୁ ।
- ବର୍ତ୍ତମାନର କୁହୁଡ଼ିଆ ପାଗକୁ ଦୃଷ୍ଟିରେ ରଖି ପନିପରିବା ଫସଲରେ କଳଙ୍କି ଓ ପତ୍ରଦାଗ ଭଳି କବକଜନିତ ରୋଗର ଲକ୍ଷଣ ଉପରେ ନଜର ରଖନ୍ତୁ। କୁହୁଡ଼ି ଛାଡ଼ିବା ଏବଂ ଗଛର ପତ୍ର ଶୁଖିବା ପରେ ରୋଗ ନିୟନ୍ତ୍ରଣ ପଦକ୍ଷେପ ଗ୍ରହଣ କରନ୍ତୁ ।
- କୁହୁଡ଼ିଆ ପାଗରେ ଏବଂ ଫସଲର ପତ୍ର ଓଦା ଥିବା ସମୟରେ କୌଣସି ପ୍ରକାରର ରାସାୟନିକ ଔଷଧ ସିଞ୍ଚନ କରନ୍ତୁ ନାହିଁ ।
- ବିଶେଷକରି ଦୀର୍ଘ ସମୟ ଧରି ଆର୍ଦ୍ର ପାଗ ଲାଗି ରହିଲେ ଫସଲରେ ରୋଗପୋକ ଆକ୍ରମଣର ଲକ୍ଷଣ ପ୍ରତି ନିୟମିତ ଯାଞ୍ଚ କରନ୍ତୁ ।
- ରୋଗାକ୍ରାନ୍ତ ଗଛର ଅଂଶ ଏବଂ ତଳେ ପଡ଼ିଥିବା ପଚା ଓ ନଷ୍ଟ ହୋଇଥିବା ଫଳଗୁଡ଼ିକୁ ସଂଗ୍ରହ କରି ନଷ୍ଟ କରନ୍ତୁ ।
- ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣକୁ ରୋକିବା ପାଇଁ ଜମିରେ ଉପଯୁକ୍ତ ପରିମଳ ବ୍ୟବସ୍ଥା ଓ ଜଳ ନିଷ୍କାସନର ସୁବିଧା ରଖନ୍ତୁ ।

ସଂକ୍ଷିପ୍ତ ଉପଦେଶ

• ସର୍ବନିମ୍ନ ତାପମାତ୍ରାରେ କ୍ରମଶଃ ହ୍ରାସ ପାଇବା ସହ କୁହୁଡ଼ିଆ ପାଗକୁ ଦୃଷ୍ଟିରେ ରଖି, ରବି ଫସଲରେ ମାଟିର ଉପଯୁକ୍ତ ଆର୍ଦ୍ରତା ବଜାୟ ରଖିବାକୁ ତଥା ଛୋଟ ଚାରାଗୁଡ଼ିକୁ ଶୀତଳ ପବନରୁ ସୁରକ୍ଷିତ ରଖିବାର ଉଚିତ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଅଛି ।

ପାଣିପାଗ ଭିତ୍ତିକ କୃଷିଏବଂ ପଶୁପାଳନ ଉପଦେଶ

ଫସଲର ନାମ	ଫସଲ ଅବସ୍ଥା	କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ
ବର୍ଷା ଦିନିଆ (ଖରିଫ) ଧାନ	ଦାନା ଭରିବା / ପରିପକ୍ୱ ଅବସ୍ଥା / ଅମଳ	• ପୂର୍ବ ବର୍ଷା ଯୋଗୁଁ ଯଦି ଧାନ ଜମିରେ ଯଦି ଅତ୍ୟଧିକ ପାଣି ଜମି ରହିଥାଏ, ତେବେ ତାହାକୁ ନିଷ୍କାସନ କରନ୍ତୁ। • ଧାନ କ୍ଷେତରେ ତଳେ ପଡ଼ିଯାଇଥିବା ଦାନା ଗଜା ହେବାକୁ କମାଇବା ପାଇଁ ୨% ଲୁଣ ଦ୍ରବଣ (ପ୍ରତି ଲିଟର ପାଣିରେ ୨୦ ଗ୍ରାମ ଲୁଣ) ସିଞ୍ଚନ କରିବାକୁ ପରାମର୍ଶ ଦିଆଯାଉଛି। • ଅନୁକୂଳ ମାଟି ଓ ପାଣିପାଗ ପରିସ୍ଥିତିରେ ଧାନ କେଣ୍ଡାର ପ୍ରାୟ ୮୦ ରୁ ୮୫% ଦାନା ସୁନେଲି ହଳଦିଆ ରଙ୍ଗ ଧାରଣ କଲେ ଉପଯୁକ୍ତ ସମୟରେ ପାଚିଲା ଧାନ ଅମଳ କରନ୍ତୁ। • ଅମଳ କରାଯାଇଥିବା ଧାନକୁ ସଂରକ୍ଷଣ ପୂର୍ବରୁ ଖରାରେ ଭଲ ଭାବରେ ଶୁଖାଇ ଦାନାର ଆର୍ଦ୍ରତା ପରିମାଣ ୧୨ ରୁ ୧୪% ମଧ୍ୟରେ ରଖନ୍ତୁ। • ଅମଳ କରାଯାଇଥିବା ଧାନକୁ ଅପ୍ରତ୍ୟାଶିତ ବର୍ଷା ଓ ଆର୍ଦ୍ରତାରୁ ସୁରକ୍ଷିତ ରଖନ୍ତୁ। • ଅନୁକୂଳ ଶୁଖିଲା ପାଗ ଦେଖି ଧାନ ମଡ଼ାଇବା କାର୍ଯ୍ୟ ସମ୍ପୂର୍ଣ୍ଣ କରନ୍ତୁ।
ଚିନାବାଦାମ	ଛୁଇଁ ଗଠନ ଓ ପରିପକ୍ୱ ଅବସ୍ଥା / ଅମଳ	• ମୂଳ ପଚା ଓ କଲାର୍ ରଟ୍ ରୋଗକୁ ରୋକିବା ପାଇଁ ଜମିରେ ଥିବା ଅତିରିକ୍ତ ପାଣି ନିଷ୍କାସନ କରନ୍ତୁ। • ଜମିରେ ଟିକ୍କା (ପତ୍ରଦାଗ) ଓ କଳଙ୍କି ରୋଗର ଲକ୍ଷଣ ଉପରେ ନଜର ରଖନ୍ତୁ। • ଛୁଇଁ ନଷ୍ଟ ହେବା ଓ କବକଜନିତ ସଂକ୍ରମଣକୁ ଏଡ଼ାଇବା ପାଇଁ ଅନୁକୂଳ ଶୁଖିଲା ପାଣିପାଗରେ ଅମଳ କରନ୍ତୁ। • ଅମଳ ହୋଇଥିବା ଚିନାବାଦାମ ଛୁଇଁକୁ ୪–୫ ଦିନ ପର୍ଯ୍ୟନ୍ତ ଖରାରେ ଶୁଖାଇ ନିରାପଦ ସ୍ତରକୁ ଆର୍ଦ୍ରତା କମାନ୍ତୁ। • ଅତ୍ୟଧିକ ରୋଗାକ୍ରାନ୍ତ ଗଛର ଅଂଶଗୁଡ଼ିକୁ ବାହାର କରି ନଷ୍ଟ କରନ୍ତୁ ଏବଂ ଓଦା ଜମିରେ ଅଯଥା ଯାତାୟାତ କରନ୍ତୁ ନାହିଁ।
ସୋରିଷ	ବୁଣିବା ଅବସ୍ଥା	• ମାଟିରେ ଉପଯୁକ୍ତ ଆର୍ଦ୍ରତା ଥିବା ଜମିରେ ତୁରନ୍ତ ସୋରିଷ ବୁଣନ୍ତୁ ଏବଂ ଅତ୍ୟଧିକ ଓଦା ମାଟିରେ ବୁଣା କାର୍ଯ୍ୟରୁ ବିରତ ରୁହନ୍ତୁ। • ଉପଯୁକ୍ତ କିସମ ଯଥା NRCHB 101, ସମ୍ପୂର୍ଣ୍ଣ (ORM 2019-02), ପୁସା ବୋଲ୍ଡ, ପୁସା ଜୟକିଷାନ, ବରୁଣା, ବିନୟା, JD-6 ଇତ୍ୟାଦି କିସମର ବିହନ ବ୍ୟବହାର କରନ୍ତୁ । • ଏକର ପ୍ରତି ୩–୪ କି.ଗ୍ରା. ବିହନ ଆବଶ୍ୟକ। ଧାଡ଼ିକୁ ଧାଡ଼ି ୩୦–୪୫ ସେ.ମି. ଏବଂ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନ ରଖି ଧାଡ଼ିରେ ବିହନ ବୁଣନ୍ତୁ। • ବିହନ ଅଙ୍କୁରଣ ଓ ପ୍ରାରମ୍ଭିକ ଚାରା ଅବସ୍ଥାରେ ଜମିରେ ଉପଯୁକ୍ତ ମାଟିର ଆର୍ଦ୍ରତା ବଜାୟ ରଖନ୍ତୁ ।
କୋବି ଜାତୀୟ ଫସଲ	ନର୍ସରୀ ତଳି ଘେରା ପ୍ରସ୍ତୁତି	• ଉପଯୁକ୍ତ ଜଳ ନିଷ୍କାସନ ଓ ଅନ୍ତଃଚାଷ କାର୍ଯ୍ୟର ସୁବିଧା ପାଇଁ ୧୦–୧୫ ସେ.ମି. ଉଚ୍ଚତା ଓ ୧ ମିଟର ଚଉଡ଼ା ବିଶିଷ୍ଟ ଉଚ୍ଚା ତଳିଘର ପ୍ରସ୍ତୁତ କରନ୍ତୁ। ବିହନ ବୁଣିବା ପୂର୍ବରୁ ପ୍ରତି ବର୍ଗମିଟର ପିଛା ୨–୩ କି.ଗ୍ରା. ଭଲ ଭାବରେ ସଢ଼ିଥିବା ଗୋବର ଖତ ବା କମ୍ପୋଷ୍ଟ ମିଶାନ୍ତୁ। • ତଳିଘରରେ ଚାରା ପଚା ରୋଗ (ଡ୍ୟାମ୍ପିଂ ଅଫ୍) ନିୟନ୍ତ୍ରଣ ପାଇଁ ଉପଯୁକ୍ତ କବକନାଶକ ଦ୍ରବଣରେ ମାଟି ବିଶୋଧନ କରନ୍ତୁ। • ୧–୨ ସେ.ମି. ଗଭୀର ହାଲୁକା ଧାଡ଼ିରେ ୫–୭ ସେ.ମି. ବ୍ୟବଧାନ ରଖି ସମାନ ଭାବରେ ବିହନ ବୁଣନ୍ତୁ। ଉପରେ ପତଳା ମାଟିର ଆସ୍ତରଣ ଦେଇ ଝରା ମାଧ୍ୟମରେ ହାଲୁକା ଜଳସେଚନ କରନ୍ତୁ। • ଅତ୍ୟଧିକ ଓଦା ମାଟିରେ ତଳିଘର ପ୍ରସ୍ତୁତି ଓ ନୂତନ ବିହନ ବୁଣା କାର୍ଯ୍ୟରୁ ବିରତ ରୁହନ୍ତୁ। • ଶୀତଳ ପବନରୁ ରକ୍ଷା କରିବା ପାଇଁ ଉପଯୁକ୍ତ ଆବରଣ ଦ୍ୱାରା ତଳିଘର ଓ ଛୋଟ ଚାରାଗୁଡ଼ିକୁ ସୁରକ୍ଷିତ ରଖନ୍ତୁ।
ଅନ୍ୟାନ୍ୟ ପନିପରିବା ଫସଲ (ଟମାଟୋ,ବାଇଗଣ, ଲଙ୍କା ଓ କଖାରୁ ଜାତୀୟ ଫସଲ)	ଫଳ ଧରିବା ଅବସ୍ଥା	• ଗଛର ମୂଳ ଅଞ୍ଚଳରେ ପାଣି ଜମିବାକୁ ନଦେବା ପାଇଁ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ। • ଚାରା ପଚା, ଜୀବାଣୁଜନିତ ଝାଉଁଳା, ଫଳ ପଚା, ପତ୍ରଦାଗ ଓ ଅଙ୍ଗମାରୀ ରୋଗର ଲକ୍ଷଣ ଉପରେ ନଜର ରଖନ୍ତୁ। • ରୋଗାକ୍ରାନ୍ତ ଫଳ, ପତ୍ର ଓ ଗଛର ଅଂଶଗୁଡ଼ିକୁ ସଂଗ୍ରହ କରି ନଷ୍ଟ କରନ୍ତୁ। • ଗଛର ପତ୍ର ଶୁଖିବା ପର୍ଯ୍ୟନ୍ତ ଜଳସେଚନ ଓ କୀଟନାଶକ ସିଞ୍ଚନରୁ ବିରତ ରୁହନ୍ତୁ। • ପନିପରିବା ଫସଲରେ ଉପଯୁକ୍ତ ଖୁଣ୍ଟି ଓ ମାଡ଼ିବା ବ୍ୟବସ୍ଥା କରି ଗଛ ମଧ୍ୟରେ ବାୟୁ ଚଳାଚଳ ସୁନିଶ୍ଚିତ କରନ୍ତୁ।
କଦଳୀ ଚାଷ	ଫଳ ଧରିବା ଅବସ୍ଥା	• ବଗିଚାରେ ଗଛ ମୂଳ ଚାରିପାଖରେ ଜମିଥିବା ଅତିରିକ୍ତ ପାଣି ନିଷ୍କାସନ କରନ୍ତୁ।

		• ଭାଙ୍ଗିଯାଇଥିବା, କ୍ଷତିଗ୍ରସ୍ତ ଓ ରୋଗାକ୍ରାନ୍ତ ଡାଳଗୁଡ଼ିକୁ କାଟି ବାହାର କରନ୍ତୁ। • କଦଳୀ ଓ ଅମୃତଭଣ୍ଡା ଫସଲରେ ଜୀବାଣୁଜନିତ କାଣ୍ଡ ପଚା ଓ କବକଜନିତ ରୋଗର ଲକ୍ଷଣ ଉପରେ ନଜର ରଖନ୍ତୁ।
ପଶୁ ପାଳନ	• ଆଗାମୀ ଦିନରେ ସର୍ବନିମ୍ନ ତାପମାତ୍ରା ହ୍ରାସ ପାଇବାକୁ ଦୃଷ୍ଟିରେ ରଖି, ପଶୁମାନଙ୍କ ଗୁହାଳରେ ଶୁଖିଲା ବିଛଣା ଓ ଉପଯୁକ୍ତ ବାୟୁ ଚଳାଚଳର ବ୍ୟବସ୍ଥା କରନ୍ତୁ। • ପଶୁମାନଙ୍କ ସ୍ୱାସ୍ଥ୍ୟ ରକ୍ଷା ପାଇଁ ପରିଷ୍କାର ପାନୀୟ ଜଳ ଓ ସନ୍ତୁଳିତ ଖାଦ୍ୟ ଯୋଗାଇ ଦିଅନ୍ତୁ। • ଶୀତ ଋତୁରେ ପଶୁମାନଙ୍କ ଶକ୍ତି ଆବଶ୍ୟକତା ପୂରଣ କରିବା ପାଇଁ ପ୍ରତିଦିନ ଖାଦ୍ୟରେ ନିୟମିତ ଭାବରେ ଲୁଣ ସହିତ ଖଣିଜ ମିଶ୍ରଣ ଏବଂ ଗହମ ଦାନା, ଗୁଡ଼ ଇତ୍ୟାଦିକୁ ୧୦ ରୁ ୨୦% ଦୈନିକ ରାସନ ହିସାବରେ ଖାଇବାକୁ ଦିଅନ୍ତୁ । • ଗୁହାଳକୁ ସଫା ଓ ଜୀବାଣୁମୁକ୍ତ ରଖନ୍ତୁ । ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରି ଶୁଷ୍କ ଶଯ୍ୟାର ବ୍ୟବସ୍ଥା କରନ୍ତୁ।	

Mrs. Jubuli Sahu **Junior Agrometeorologist,** **AMFU, RRTTS, Chiplima**	**Dr. Sanjukta Mohapatra** **ADR cum Nodal Officer** **RRTTS, Chiplima**

- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ବୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ଆପ (https://play.goooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଦ୍ଦିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ ମୌସମ ଆପ ର ବ୍ୟବହାର କରିପାରିବେ (https://play.google.com/store/apps/details?id=com.imd.masuam).